
## ମତ୍ସ୍ୟସମ୍ପଦର ସ୍ଥିତି:

ଲମ୍ବ-ଆଧାରିତ ମତ୍ସ୍ୟ ସମ୍ପଦ ଅବସ୍ଥିତି ମୂଲ୍ୟାଙ୍କନ ପ୍ରଣାଳୀ (dynamic pool models/ yield per recruit models) ଏବଂ ମତ୍ସ୍ୟ ଅବତରଣ-ଆଧାରିତ ସମ୍ପଦ ଅବସ୍ଥିତି ମୂଲ୍ୟାଙ୍କନ ପ୍ରଣାଳୀ (Rapid Stock Assessment method-RSA ଓ Bayesian Schaefer Surplus Production Model-BSM) ତଥା ସମ୍ପୃକ୍ତ ଜୈବିକ ବୈଶିଷ୍ଟ୍ୟକୁ ଅନୁଧ୍ୟାନ କରି ଏହା ଜଣାପଡ଼ିଲା ଯେ ମୂଲ୍ୟାଙ୍କିତ ୪୧ଟି ବାଣିଜ୍ୟିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ପ୍ରଜାତିର ମାଛମାନଙ୍କ ମଧ୍ୟରୁ ୧୪ ଟି (ପ୍ରାୟ ୩୪%) ପ୍ରଜାତିର ମାଛମାନଙ୍କର ପ୍ରଚୁରତା/ଉପଲବ୍ଧତା ହ୍ରାସର ସ୍ପଷ୍ଟ ସଙ୍କେତ ପ୍ରକାଶ କରୁଛନ୍ତି ଏବଂ ଏମାନଙ୍କ ଅବସ୍ଥିତି ସଂକଟାପନ୍ନ ହୋଇଛି । କେତେକ ପ୍ରମୁଖ ପ୍ରଜାତିର ମାଛ ଯଥା: ଇଲିଶି (Hilsa), ନହରା (Bombay duck), ନାଲୀ ବୋରେଇ (Threadfin breams), ମୋରୁଆ/ ପୋଟଳ (Indian mackerel) ଓ କିଛି ଉଚ୍ଚମୂଲ୍ୟର ଚିଙ୍ଗୁଡ଼ି (Peaneid prawns) ପ୍ରଚୁରତା/ଉପଲବ୍ଧତା ହ୍ରାସର ସ୍ପଷ୍ଟ ସଙ୍କେତ ପ୍ରକାଶ କରୁଛନ୍ତି ।




## ସାମୁଦ୍ରିକ ମାଛଧରା ବ୍ୟବସ୍ଥାପନ:

ଓଡ଼ିଶା ସାମୁଦ୍ରିକ ମାଛଧରା ନିୟନ୍ତ୍ରଣ ଆଇନ, ୧୯୮୨ (OMFRA Act 1982) ଓଡ଼ିଶାର ସମୁଦ୍ରତଟରେ ମାଛଧରା ପରିଚାଳନା ଓ ନିୟନ୍ତ୍ରଣ ପାଇଁ ଏକ ଆଇନ ମୂଳକ ଢାଞ୍ଚା ପ୍ରଦାନ କରେ। ଏହି ଆଇନର ଉଦ୍ଦେଶ୍ୟ ହେଉଛି ପାରମ୍ପରିକ ଓ ଯନ୍ତ୍ରଚାଳିତ ମାଛଧରାଳିଙ୍କର ହିତକୁ ସନ୍ତୁଳିତ କରିବା, ସମୁଦ୍ର ଜୈବବିବିଧତାର (ବିଶେଷତଃ ଓଲିଭ୍ ରିଡ୍‌ଲେ କଇଁଛ) ସୁରକ୍ଷା କରିବା, ପରିସ୍ଥିତିତନ୍ତ୍ରକୁ ସୁରକ୍ଷିତ ରଖିବା, ଅତିରିକ୍ତ ମାଛଧରାକୁ ରୋକିବା ଓ ଆନ୍ତଃ-କ୍ଷେତ୍ରୀୟ ବହୁ ହିତାଧିକାରୀଙ୍କ ମଧ୍ୟରେ ସଂଘର୍ଷକୁ କମାଇବା । ଏହି ଆଇନ ରାଜ୍ୟର ମାଛଧରା କ୍ଷେତ୍ର, ଋତୁକାଳୀନ ନିଷେଧ, ନୌକା ସଞ୍ଚାଳନ ଓ ଜାଲ ବ୍ୟବହାରକୁ ନିୟନ୍ତ୍ରଣ କରିବାର ଅଧିକାର ପ୍ରଦାନ କରେ, ଯାହା ମାଧ୍ୟମରେ ସାମୁଦ୍ରିକ ସମ୍ପଦର ସମାନ ଓ ଦାୟିତ୍ୱଶୀଳ ବ୍ୟବହାର ସୁନିଶ୍ଚିତ ହୁଏ । OMFRA Act (1982) ଓ Rules (1983) ଅନୁସାରେ 10ଟି ପ୍ରମୁଖ ନିୟମ ଗୁଡିକ ହେଲା:

- **ପାରମ୍ପରିକ ନୌକା** : ଇଞ୍ଜିନବିହୀନ ପାରମ୍ପରିକ ଆହୁଲା ଡଙ୍ଗା ବର୍ଷ ସାରା ମାଛ ମାରି ପାରିବେ; କୂଳରୁ ୫ କି.ମି. ପର୍ଯ୍ୟନ୍ତ ମାଛଧରା କ୍ଷେତ୍ର ସେମାନଙ୍କ ପାଇଁ ସଂରକ୍ଷିତ ।
- **ଛୋଟ ଯନ୍ତ୍ରଚାଳିତ ନୌକା** (<15 m) : ୫ କି.ମି. ପରଠାରୁ ମାଛ ମାରି ପାରିବେ ।





- **ବଡ଼ ଯନ୍ତ୍ରଚାଳିତ ନୌକା** (< 15 m / 25 GT) : ୧୦ କି.ମି. ପରଠାରୁ ମାଛ ମାରିବା ପାଇଁ ଉଦ୍ଦିଷ୍ଟ।
- **ଦୂରତା ସୀମା** : କୌଣସି ନୌକା 24 nautical miles ଠାରୁ ଅଧିକ ଦୂରରେ କାମ କରିପାରିବ ନାହିଁ ।
- **ସମୁଦ୍ର ପଥଚାଳନା ସତର୍କତା** : ଯନ୍ତ୍ରଚାଳିତ ନୌକା ଓ ଗଭୀର ସମୁଦ୍ରଗାମୀ ନୌକା ସମୁଦ୍ରରେ ଜାତାୟାତା ବେଳେ ଅନ୍ୟ ନୌକା ଏବଂ ଜାଲକୁ କ୍ଷତି କରିପାରିବ ନାହିଁ ।
- **ଘାଟ (Base) ସୀମା** : ନୌକାଗୁଡିକ ସେମାନଙ୍କର ପୂର୍ବ ନିର୍ଦ୍ଧାରିତ ମାଛଧରା ଘାଟ ମଧ୍ୟରେ କାର୍ଯ୍ୟ କରିବା ଆବଶ୍ୟକ; ଘାଟ ପରିବର୍ତ୍ତନ ପାଇଁ ସରକାରୀ ଅନୁମତି ଆବଶ୍ୟକ ।
- **ଗହିରମଥା ନିଷେଧ** : ଗହିରମଥା ସାମୁଦ୍ରିକ ଅଭୟାରଣ୍ୟର 20 km ଭିତରେ ସାରା ବର୍ଷ ମାଛଧରା ନିଷିଦ୍ଧ ।
- **ଋତୁକାଳୀନ ନିଷେଧ** : ପ୍ରଥମ ୨ ମାସୀୟ ନିଷେଧାଦେଶ ୧୫ ଅପ୍ରେଲ ରୁ ୧୪ ଜୁନ୍ ପର୍ଯ୍ୟନ୍ତ ମାଛ ପ୍ରଜନନ ପାଇଁ ନିଷେଧ । ଦ୍ୱିତୀୟ ୭ ମାସୀୟ ନିଷେଧାଦେଶ ୧ ନଭେମ୍ବର ରୁ ୩୧ ମେ ପର୍ଯ୍ୟନ୍ତ ଧାମରା, ଦେବୀ ଓ ରୁଷିକୁଲ୍ୟା ନଦୀମୁହାଣରେ କଇଁଛ ସଂରକ୍ଷଣ ପାଇଁ ନିଷେଧ ।
- **ଜାଲ ସମ୍ବନ୍ଧିତ ନିଷେଧ** : ସମଗ୍ର ରାଜ୍ୟରେ ସାରା ବର୍ଷ ରିଙ୍ଗ ଜାଲ ର ବ୍ୟବହାର ସଂପୂର୍ଣ୍ଣ (ring seine) ନିଷିଦ୍ଧ । Monofilament (< ୦.୫ ମିଲିମିଟର ମୋଟା ସୁତା) ଓ multifilament (< ୦.୭ ମିଲିମିଟର ମୋଟା ସୁତା) ବିଶିଷ୍ଟ ଫାସ ଜାଲ (gill net) ଯାହାର ଲମ୍ବ ୩୦୦ ମିଟର ଠାରୁ ଅଧିକ ଓ ଜାଲ ଫାସ ୧୪୦ ମିଲିମିଟର ଠାରୁ କମ୍, ସେମାନଙ୍କ ବ୍ୟବହାର ନିଷେଧ; ଜାଲମାନଙ୍କ ମଧ୍ୟରେ ସର୍ବନ୍ୟୁନ ୨୦୦ ମିଟର ବ୍ୟବଧାନ ରଖିବା ଆବଶ୍ୟକ ।
- **TED (Turtle Excluder Device) ନିୟମ** : ସମସ୍ତ ଟ୍ରଲର ଜାଲରେ କଇଁଛ ଉଦ୍ଧାର/ବାହାର କରିବା ଉପକରଣ (TED) ବ୍ୟବହାର କରିବା ବାଧ୍ୟତାମୂଳକ ।

## ମତ୍ସ୍ୟ ସମ୍ପଦର ଦୀର୍ଘସ୍ଥାୟୀତ୍ୱ ପାଇଁ ପରାମର୍ଶ:

- **ସମ୍ପଦ ସଂରକ୍ଷଣ** : ଗୁରୁତ୍ୱପୂର୍ଣ୍ଣ ପ୍ରଜାତି ଧରିବା ପାଇଁ ସର୍ବନ୍ୟୁନ ଆଇନଗତ ଆକାର (MLS) ନିର୍ଦ୍ଧାରଣ କରିବା । ଜାଲ ବ୍ୟବହାର ଭିତ୍ତିକ ଲାଇସେନ୍ସ ଓ ପରିଚୟ ଚିହ୍ନ ପ୍ରଣାଳୀ ଆରମ୍ଭ କରିବା । ବର୍ଗାକାର ଜାଲ (Square Mesh) ଏବଂ ଜାଲ ଫାସର ସର୍ବନିମ୍ନ ଆକାର (Mesh Size) - ସମ୍ବନ୍ଧୀୟ ନିୟମକୁ କଠୋର ଭାବରେ କାର୍ଯ୍ୟକାରୀ କରିବା । ମାଛଧରାଳିଙ୍କ ପାଇଁ କାର୍ଯ୍ୟକ୍ଷେତ୍ରର ସୀମା ଦୂରତା ଓ ଗଭୀରତା ଦ୍ୱାରା ନିର୍ଦ୍ଧାରଣ କରି, ଅତିରିକ୍ତ ମାଛଧରା ଓ ବହୁ ହିତାଧିକାରୀଙ୍କ ମଧ୍ୟରେ ସଙ୍ଘର୍ଷକୁ ରୋକିବା ।
- **ସାମାଜିକ ଓ ଆର୍ଥିକ ସଶକ୍ତିକରଣ:** ସମବାୟ ସମିତିଗୁଡ଼ିକ ସ୍ଥାପନ କରିବା ଏବଂ ସିଧାସଳଖ ବିପଣନ ମାଧ୍ୟମ ସୃଷ୍ଟି କରି, ବିକ୍ରୟ ପାଇଁ ଦଲାଲ ବା ମଧ୍ୟସ୍ଥିଙ୍କ ଉପରେ ନିର୍ଭରତା କମାଇବା । ପ୍ରସ୍ତୁତିକରଣ, ମୂଲ୍ୟବୃଦ୍ଧି ଓ ଉପଉତ୍ପାଦର ମୂଲ୍ୟସୋଂଯୋଜିତ ରୂପାନ୍ତରଣ ପାଇଁ ଆବଶ୍ୟକ ଭିତ୍ତିଭୂମି ର ବିକାଶ କରିବା । ସାମୁଦ୍ରିକ ମାଛଚାଷ (Mariculture), ପାରିବେଶିକ-ପର୍ଯ୍ୟଟନ (Eco-tourism) ଏବଂ ସାମୁଦ୍ରିକ ଶୈବାଳ/ଦଳ (Seaweeds) ଚାଷକୁ ବୈକଳ୍ପିକ ଜୀବିକା ଭାବେ ପ୍ରୋତ୍ସାହନ କରି ଅତ୍ୟଧିକ ମାଛ ଧରିବା ଦ୍ୱାରା ସମୁଦ୍ର ଉପରେ ପଡୁଥିବା ଅଧିକ ଚାପକୁ କମାଇବା।
- **ଭିତ୍ତିଭୂମି ଓ ଦକ୍ଷତା ବିକାଶ:** ମୌଳିକ ସୁବିଧା ଯଥା ସ୍ୱଚ୍ଛତା, ସ୍ୱାସ୍ଥ୍ୟସେବା ଓ ଶିକ୍ଷା ସୁବିଧାକୁ ସୁଧାର କରିବା। ମତ୍ସ୍ୟ ସମ୍ପଦର ଦୀର୍ଘସ୍ଥାୟୀତ୍ୱକୁ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ଦାୟିତ୍ୱସମ୍ପନ୍ନ ମାଛଧରା ପଦ୍ଧତି ଏବଂ କୌଶଳ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିବା । ମାଛଧରା ନୌକାଗୁଡ଼ିକର ଯାତାୟାତ ସୁବିଧା ପାଇଁ ନଦୀ ଓ ମାଛଧରା ବନ୍ଦରଗୁଡ଼ିକର ମୁହାଣର ଗଭୀରତା ବଜାୟ ରଖିବାକୁ ନିୟମିତ ଖୋଳାଇବା ଓ ପାଣିତଳରୁ କାଦ କାଢ଼ିବା କାର୍ଯ୍ୟକୁ (Dredging) ନିୟମିତ କରିବା ସହିତ ନୂତନ ମାଛ ଅବତରଣ ଘାଟ (ଜେଟି) ଓ ବନ୍ଦରଗୁଡ଼ିକର ବିକାଶ କରିବା ଜରୁରୀ । ମାଛ ଅବତରଣ କେନ୍ଦ୍ର ଗୁଡିକ (Fish Landing Centres) ସହିତ ସଡ଼କ ସୁବିଧା, ପରିବହନ ଓ ଯୋଗାଯୋଗକୁ ଉନ୍ନତ କରିବା ଅତ୍ୟନ୍ତ ଆବଶ୍ୟକ ।

### ଯୋଗାଯୋଗ ପାଇଁ ଠିକଣା

ନିର୍ଦ୍ଦେଶକ
ଭା. କୃ. ଅନୁ. ପ. - କେନ୍ଦ୍ରୀୟ ସାମୁଦ୍ରିକ ମତ୍ସ୍ୟ ଅନୁସନ୍ଧାନ ସଂସ୍ଥାନ
ପୋଷ୍ଟ ବକ୍ସ ନମ୍ବର 1603, ଏର୍ନାକୁଲମ ଉତ୍ତର ପୋ.
କୋଚିନ୍ - ୬୮୨ ୦୧୮ , କେରଳ
ଫୋନ୍: ୦୪୮୪ ୨୩୯୪୩୫୭ , ୦୪୮୪ ୨୩୯୧୪୦୭ , ୦୪୮୪ ୨୩୯୪୮୬୭
ଫ୍ୟାକ୍ସ: ୦୦୯୧-୦୪୮୪-୨୩୯୪୯୦୯
ଇ-ମେଲ୍: director@cmfri.org.in



### ପ୍ରକାଶକ

ଡା. ଗ୍ରିନସନ୍ ଜର୍ଜ
ଭା. କୃ. ଅନୁ. ପ. - କେନ୍ଦ୍ରୀୟ ସାମୁଦ୍ରିକ ମତ୍ସ୍ୟ ଅନୁସନ୍ଧାନ ସଂସ୍ଥାନ
ପୋଷ୍ଟ ବକ୍ସ ନମ୍ବର 1603, ଏର୍ନାକୁଲମ ଉତ୍ତର ପୋଷ୍ଟ
କୋଚିନ୍ - ୬୮୨ ୦୧୮ , କେରଳ
ଫୋନ୍: ୦୪୮୪ ୨୩୯୪୩୫୭ , ୦୪୮୪ ୨୩୯୧୪୦୭ , ୦୪୮୪ ୨୩୯୪୮୬୭
ଫ୍ୟାକ୍ସ: ୦୦୯୧-୦୪୮୪-୨୩୯୪୯୦୯
ଇ-ମେଲ୍: director@cmfri.org.in

### ପ୍ରସ୍ତୁତକର୍ତ୍ତା

ଜ୍ଞାନରଞ୍ଜନ ଦାଶ, ରାଜେଶ କୁମାର ପ୍ରଧାନ, ସ୍ୱତୀପ୍ରିୟଙ୍କା ସେନ୍, ଜୟଶଙ୍କର ଜୟରାମନ୍, ମିନି କେ.ଜି., ପ୍ରକାଶ ଚନ୍ଦ୍ର ଦାସ, ମେନକା ଦାସ ଏବଂ ଜୋ କିଳାକୁଡନ୍
ପୁରୀ କ୍ଷେତ୍ର କେନ୍ଦ୍ର, ଭା. କୃ. ଅନୁ. ପ. - କେନ୍ଦ୍ରୀୟ ସାମୁଦ୍ରିକ ମତ୍ସ୍ୟ ଅନୁସନ୍ଧାନ ସଂସ୍ଥାନ

ଭା. କୃ. ଅନୁ. ପ. - କେନ୍ଦ୍ରୀୟ ସାମୁଦ୍ରିକ ମତ୍ସ୍ୟ ଅନୁସନ୍ଧାନ ସଂସ୍ଥାନ
ପାମ୍ଫଲେଟ୍ ଶୃଙ୍ଖଳା ସଂଖ୍ୟା : ୧୭୪/୨୦୨୫
ICAR-CMFRI Pamphlet Series No. 174/2025

भाकृअनुप
ICAR

सी एम एफ आर आइ
CMFRI

# ଓଡ଼ିଶାର ସାମୁଦ୍ରିକ ମତ୍ସ୍ୟସମ୍ପଦ, ଜୀବିକା ଏବଂ ମତ୍ସ୍ୟ ଉଦ୍ୟୋଗ

## (ଏକ ଅବଲୋକନ)




କେନ୍ଦ୍ରୀୟ ସାମୁଦ୍ରିକ ମତ୍ସ୍ୟ ଅନୁସନ୍ଧାନ ସଂସ୍ଥାନ
ଭାରତୀୟ କୃଷି ଆନୁସନ୍ଧାନ ପରିଷଦ

## ଉପକ୍ରମ:

ଓଡ଼ିଶାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ବିସ୍ତୃତ 575 କି.ମି. ଲମ୍ବ ସାଗରତଟ ଏବଂ 24,000 ବର୍ଗ କି.ମି. ମହାଦେଶୀୟ ସେଲ୍ଫ୍ ଅଞ୍ଚଳ ରାଜ୍ୟର ସାମୁଦ୍ରିକ ମତ୍ସ୍ୟଉଦ୍ୟୋଗରେ ନିର୍ଭରଯୋଗ୍ୟ ଜୀବିକା ଓ ବ୍ୟବସାୟର ଅପାର ସମ୍ଭାବନା ଓ ସୁଯୋଗ ପ୍ରଦାନ କରିଥାଏ । ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବୁଢାବଳଙ୍ଗ, ସୁବର୍ଣ୍ଣରେଖା ଓ ଋଷିକୁଲ୍ୟା ଭଳି ପ୍ରମୁଖ ନଦୀ ସମୂହଙ୍କର ପୋଷକତତ୍ତ୍ୱର ପ୍ରବାହ ଓଡ଼ିଶାର ସମୁଦ୍ରତଟୀୟ ପରିସ୍ଥିତିତନ୍ତ୍ରକୁ ଉତ୍ପାଦନକ୍ଷମ ଓ ଜୈବବିବିଧତାରେ ସମୃଦ୍ଧ କରେ, ଏବଂ ବିଭିନ୍ନ ପ୍ରକାରର ମତ୍ସ୍ୟ ସମ୍ପଦର ବୃଦ୍ଧିରେ ସହାୟତା କରେ । ଏହା ସହିତ, ଓଡ଼ିଶାର ସମୁଦ୍ରତଟରେ ଏସିଆର ସର୍ବବୃହତ ଲବଣ ଜଳ ହ୍ରଦ ଚିଲିକା, ଭାରତର ଦ୍ୱିତୀୟ ସବୁଠାରୁ ବଡ଼ ହେନ୍ତାଳ ବଣ ଭିତରକନିକା ଓ ବିଶ୍ୱର ସବୁଠାରୁ ପ୍ରମୁଖ ଓଲିଭ୍ ରିଡ୍ଲେ କଇଁଛ ପ୍ରଜନନ ଓ ସାମୁହିକ ଅଣ୍ଡାଦାନ ଅଞ୍ଚଳ ଗହୀରମଥ ଅବସ୍ଥିତ । ଭାରତର ସମୁଦ୍ରତଟର କେବଳ ୫% ଅଂଶ ଓଡ଼ିଶାରେ ଥିବା ସତ୍ତ୍ୱେ ଏଠାରେ ଦେଶର ସର୍ବାଧିକ ୭୩୯ଟି ସମୁଦ୍ରତଟୀୟ ଗ୍ରାମ ଦେଖିବାକୁ ମିଳେ ଯେଉଁଠାରେ ଦେଶର ପ୍ରାୟ ୧୪% ସାମୁଦ୍ରିକ ମତ୍ସ୍ୟଜୀବୀ (ପ୍ରାୟ ୫.୨ ଲକ୍ଷ) ବସବାସ କରନ୍ତି । ସାମୁଦ୍ରିକ ମତ୍ସ୍ୟଜୀବୀ ଜନଗଣନା ୨୦୧୬ (MFC-2016) ଅନୁସାରେ ଓଡ଼ିଶାରେ ପ୍ରାୟ ୧.୨ ଲକ୍ଷ ସକ୍ରିୟ ମତ୍ସ୍ୟଜୀବୀ ଓ ୭୫ ହଜାର ସହାୟକ ମତ୍ସ୍ୟଜୀବୀ ସିଧାସଳଖ ସାମୁଦ୍ରିକ ମତ୍ସ୍ୟ ବ୍ୟବସାୟରୁ ଜୀବିକା ଉପାର୍ଜନ କରନ୍ତି । ସାମୁଦ୍ରିକ ମତ୍ସ୍ୟଉଦ୍ୟୋଗ ଓଡ଼ିଶାର ସମୁଦ୍ରତଟୀୟ ସମୁଦାୟମାନଙ୍କର ଖାଦ୍ୟ ସୁରକ୍ଷା, ରୋଜଗାରରେ ସୁଯୋଗ ସୃଷ୍ଟି କରିବା ସହିତ ଅର୍ଥନୈତିକ ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ ।

## ସାମାଜିକ ଓ ଆର୍ଥିକ ସ୍ଥିତି:

ସାମୁଦ୍ରିକ ମତ୍ସ୍ୟଜୀବୀ ଜନଗଣନା ୨୦୧୬ ଅନୁସାରେ ଓଡ଼ିଶାରେ ପ୍ରାୟ ୧.୧୫ ଲକ୍ଷ ସାମୁଦ୍ରିକ ମତ୍ସ୍ୟଜୀବୀ ପରିବାର ବସବାସ କରନ୍ତି, ଯାହା ଭାରତର ମୋଟ ସାମୁଦ୍ରିକ ମତ୍ସ୍ୟଜୀବୀ ପରିବାରଙ୍କର ପ୍ରାୟ ୧୪% ଅଟନ୍ତି । ସେମାନଙ୍କ ମଧ୍ୟରୁ ପ୍ରାୟ ୮୦% ପାରମ୍ପରିକ ମତ୍ସ୍ୟଜୀବୀ ଅଟନ୍ତି। ତଥାପି ଓଡ଼ିଶାରେ ମତ୍ସ୍ୟଜୀବୀ ପରିବାରମାନଙ୍କରେ ଦାରିଦ୍ର୍ୟ ହାର (୪୨% BPL) ଜାତୀୟ ହାର (୬୭% BPL) ତୁଳନାରେ କମ୍ ଅଟେ । ଓଡ଼ିଶାର ମତ୍ସ୍ୟଜୀବୀ ସମୁଦାୟର ପ୍ରାୟ ୫୫% ଅନୁସୂଚିତ ଜାତି ଓ ଜନଜାତି (SC ଓ ST) ଅଟନ୍ତି, ଯାହା ଅନ୍ୟ କୌଣସି ରାଜ୍ୟ ତୁଳନାରେ ସର୍ବାଧିକ । ଏହା ସହିତ ଭାରତର SC ଓ ST ସାମୁଦ୍ରିକ ମତ୍ସ୍ୟଜୀବୀ ସମୁଦାୟର ପ୍ରାୟ ୪୫% କେବଳ ଓଡ଼ିଶାରେ ବସବାସ କରନ୍ତି ।




କିନ୍ତୁ ଭାରତ ତୁଳନାରେ ଓଡ଼ିଶାର ସାମାଜିକ-ଆର୍ଥିକ କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ଅସମତା ଦେଖିବାକୁ ମିଳେ । ସାମୁଦ୍ରିକ ମତ୍ସ୍ୟଜୀବୀ ଜନଗଣନା ୨୦୧୬ ଅନୁସାରେ ଓଡ଼ିଶାର ସାମୁଦ୍ରିକ ମତ୍ସ୍ୟଜୀବୀ ପରିବାରମାନଙ୍କର ସ୍ଥିତି ଚିନ୍ତାଜନକ। ସାଧାରଣତଃ ୬୪% ପରିବାର କଚ୍ଚା ଘରେ ରହନ୍ତି (ଜାତୀୟ ହାରାହାରି ୩୦%), ୭୭% ପରିବାରଙ୍କ ପାଖରେ ଶୌଚାଳୟ ସୁବିଧା ନାହିଁ (ଜାତୀୟ ହାରାହାରି ୪୧%), ଏବଂ କେବଳ ୧୦% ପରିବାର ସୁରକ୍ଷିତ ବିଶୁଦ୍ଧ ପାନୀୟ ନଳଜଳ ପାଉଛନ୍ତି (ଜାତୀୟ ହାରାହାରି ୫୨%)। ସାମୁଦ୍ରିକ ମତ୍ସ୍ୟଜୀବୀ ଘରଗୁଡ଼ିକର ବିଦ୍ୟୁତକରଣ (୮୦%) ଉଲ୍ଲେଖନୀୟ ଥିଲେ ମଧ୍ୟ ଜାତୀୟ ହାରାହାରି (୯୪%) ଠାରୁ ପଛରେ । ଶିକ୍ଷାର ଅବସ୍ଥା ମଧ୍ୟ ଚିନ୍ତାଜନକ, କାରଣ 39% ଲୋକ ଅଶିକ୍ଷିତ, ଯାହା ଜାତୀୟ ହାରାହାରି (34%) ତୁଳନାରେ କମ୍ ଅଟେ । ଜାତୀୟ ହାରାହାରି (୬୩%) ତୁଳନାରେ ଓଡ଼ିଶାରେ ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କର ସମବାୟ ସମିତିରେ ଅଂଶଗ୍ରହଣ ହାର (୨୭%) ଉଲ୍ଲେଖନୀୟ ଭାବେ କମ୍, ଯାହା ଋଣ ଉପଲବ୍ଧତା ଏବଂ ସାମୂହିକ ଉନ୍ନତିରେ ବାଧା ସୃଷ୍ଟି କରୁଛି। ଭଲ ବାସଗୃହର ଉପଲବ୍ଧତା, ସ୍ୱଚ୍ଛତା (ଶୌଚାଳୟ) ସୁବିଧା, ଶିକ୍ଷା ଓ ସମବାୟ ସଦସ୍ୟତାକୁ ସୁଦୃଢ଼ କରିବା ସହିତ, ଓଡ଼ିଶାର ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କର ଦାରିଦ୍ର୍ୟତା ଦୂରୀକରଣ ତଥା ବିଶାଳ ମତ୍ସ୍ୟଜୀବୀ ମାନବ ସମ୍ବଳର ସୁପରିଚାଳନା ଦ୍ୱାରା, ମତ୍ସ୍ୟଜୀବୀଙ୍କ ଜୀବିକାନିର୍ବାହ ଏବଂ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଅନେକ ଉନ୍ନତି ସମ୍ଭବ ହେବ (MFC-2016) ।

## ମାଛଧରା ପାଇଁ ଆଧାରଭୂତ ସଂରଚନାର ଉପଲବ୍ଧତା:

ଭାରତର ସର୍ବାଧିକ ସାମୁଦ୍ରିକ ମତ୍ସ୍ୟଜୀବୀ ଗ୍ରାମ (୨୧%) ଓଡ଼ିଶାରେ ଅବସ୍ଥିତ । ଭାରତର ପ୍ରାୟ ୫% ମାଛଧରା ନୌକା (୮,୬୮୨) ଓଡ଼ିଶାର ଦେଖିବାକୁ ମିଳେ । ରାଜ୍ୟ ମାଛଧରା ନୌକା ଆଧୁନିକୀକରଣରେ ଗୁରୁତ୍ୱପୂର୍ଣ୍ଣ ପ୍ରଗତି କରିଛି, ଯେଉଁଠି ପ୍ରାୟ ୨୦% ସମ୍ପୂର୍ଣ୍ଣ ଯନ୍ତ୍ରଚାଳିତ ନୌକା ଏବଂ ୬୫% ଇଞ୍ଜିନଯୁକ୍ତ ପାରମ୍ପରିକ ନୌକା ଦେଖିବାକୁ ମିଳେ । ତଥାପି ମଧ୍ୟ ଓଡ଼ିଶାରେ ୧୫% ଇଞ୍ଜିନବିହୀନ ନୌକା ଦେଖିବାକୁ ମିଳେ ଯାହା ପାରମ୍ପରିକ (artisanal) ମାଛଧରାକୁ ଜୀବନ୍ତ ରଖିଛି । ଓଡ଼ିଶାରେ ୫୪ଟି ବରଫ କଳ ଓ ୨୯ଟି ଚିଙ୍ଗୁଡି ଚୋପାଛଡା ଗୋଦାମ (peeling shed) ରାଜ୍ୟର ସୁଦୃଢ଼ ପ୍ରାଥମିକ ପ୍ରକ୍ରିୟାକରଣ (primary processing) ସାମର୍ଥ୍ୟକୁ ଦର୍ଶାଉଛି ଯାହା ମାଛ ଧରା ପରିଚାଳନା ସହିତ ଚିଙ୍ଗୁଡ଼ି ପ୍ରକ୍ରିୟାକରଣକୁ ସରଳ ଓ ସୁଦୃଢ କରି ସ୍ଥାନୀୟ ବଜାର ସହ ଏହାର ରପ୍ତାନିକୁ ଲାଭାନ୍ୱିତ କରେ । ତଥାପି ଉନ୍ନତ ପ୍ରକ୍ରିୟାକରଣ (advance processing) ସୁବିଧାର ସୀମିତ ଉପଲବ୍ଧତା ପ୍ରଗତିରେ ଅବରୋଧ ସୃଷ୍ଟି କରୁଛି । ଓଡ଼ିଶାର ୭୩୯ଟି ମତ୍ସ୍ୟଜୀବୀ ଗ୍ରାମରେ କେବଳ ୨୨ଟି ଜେଟି, ୫୫ଟି ମାଛ ଅବତରଣ କେନ୍ଦ୍ର, ୪୪ଟି ମୁଖ୍ୟ ବଜାର ଓ ୨୦ଟି ନିଲାମ କୁଟିର (auction shed) ରାଜ୍ୟର ସୀମିତ ଭିତ୍ତିଭୂମିକୁ ଦର୍ଶାଉଛି । ସେହିପରି, ମତ୍ସ୍ୟଉତ୍ପାଦଗୁଡିକର ମୂଲ୍ୟବୃଦ୍ଧିର ସମ୍ଭାବନା ପୂର୍ଣ୍ଣରୂପେ ବ୍ୟବହୃତ ହେଉନାହିଁ, କାରଣ ଓଡ଼ିଶାରେ କେବଳ ୫ଟି ଶୀତଳୀକରଣ କାରଖାନା (freezing plant), ୧୦ଟି ଶୀତଳ ଭଣ୍ଡାର (cold storage), ଏବଂ ୧୧ଟି ପ୍ରକ୍ରିୟାକରଣ କାରଖାନା (processing plant) ସହିତ ସୀମିତ ଉପଉତ୍ପାଦର (byproduct) ରୂପାନ୍ତରଣ ସୁବିଧା ଅଛି । ଏହା ସହିତ ଜୀବନରକ୍ଷା ସାମଗ୍ରୀର ସ୍ୱଳ୍ପଲବ୍ଧତା ଏବଂ ଆଧୁନିକ ସଂଚାର ଓ ଯୋଗାଯୋଗ ଉପକରଣର ସୀମିତ ବ୍ୟବହାର ସମୁଦ୍ରିକ ନିରାପତ୍ତା ସମ୍ବନ୍ଧୀୟ ଚିନ୍ତାକୁ ସୂଚିତ କରେ (MFC-2016) ।







ଓଡ଼ିଶାରେ ଶୀତଳ ଭଣ୍ଡାର (cold storage) ଏବଂ ଶୀତଳ ଶୃଙ୍ଖଳା (cold chain) ବ୍ୟବସ୍ଥା, ମତ୍ସ୍ୟ ପ୍ରକ୍ରିୟାକରଣ (fish processing) ବ୍ୟବସ୍ଥା ସହିତ ଉପଉତ୍ପାଦର (byproduct) ରୂପାନ୍ତରଣ ସୁବିଧାଗୁଡ଼ିକୁ ବିସ୍ତୃତ ଏବଂ ସୁଦୃଢ଼ କରିବା ସହିତ, ସମୁଦ୍ରିକ ନିରାପତ୍ତା ଏବଂ ସମବାୟ ସଦସ୍ୟତା ଢାଞ୍ଚାକୁ ବଳିଷ୍ଠ କରାଗଲେ, ଓଡ଼ିଶାରେ ସାମୁଦ୍ରିକ ମାଛଧରା ଜୀବିକା ଓ ବ୍ୟବସାୟର ଲାଭଦାୟକତା ଏବଂ ପ୍ରତିସ୍ପର୍ଧାକ୍ଷମତାକୁ ବହୁଗୁଣିତ କରାଯାଇପାରିବ (MFC-2016) ।

## ସାମୁଦ୍ରିକ ମତ୍ସ୍ୟ ଅବତରଣ:

ଓଡ଼ିଶାରେ ପାରମ୍ପରିକ ନୌକା ଗୁଡିକର ଦ୍ରୁତଗତିରେ ମୋଟାରୀକରଣ ଏବଂ ଯାନ୍ତ୍ରୀକୀକରଣ ଯୋଗୁଁ ୨୦୦୭ ରୁ ୨୦୧୧ ମଧ୍ୟରେ ରାଜ୍ୟରେ ସାମୁଦ୍ରିକ ମତ୍ସ୍ୟ ଅବତରଣ ଗୁରୁତ୍ୱପୂର୍ଣ୍ଣ ଭାବରେ ବୃଦ୍ଧି ପାଇଥିଲା, ଯାହା ୨୦୧୧ ରେ ବଢି ସର୍ବାଧିକ ୩.୨ ଲକ୍ଷ ଟନ୍ ହୋଇଥିଲା । ୨୦୧୨ ରେ ସାମୁଦ୍ରିକ ମତ୍ସ୍ୟ ଅବତରଣ ଅପ୍ରତ୍ୟାଶିତଭାବରେ ୨.୫ ଲକ୍ଷ ଟନ୍‌କୁ କମିଗଲା ଏବଂ ତାହା ପରେ ପ୍ରତିବର୍ଷୀୟ ଅବତରଣ ଆହୁରି କମି ୧.୨–୧.୮ ଲକ୍ଷ ଟନ୍ (ହାରାହାରି ୧.୫ ଲକ୍ଷ ଟନ୍) ମଧ୍ୟରେ ହୋଇଆସୁଅଛି । ବର୍ତ୍ତମାନ ଧରାଯାଉଥିବା ସାମୁଦ୍ରିକ ମତ୍ସ୍ୟ ସମ୍ପଦର ୫୨% ଇଞ୍ଜିନଯୁକ୍ତ ପାରମ୍ପରିକ ନୌକା ଦ୍ୱାରା, ୪୭% ଯନ୍ତ୍ରଚାଳିତ ନୌକା ଦ୍ୱାରା ଓ କେବଳ ୧% ପାରମ୍ପରିକ ଇଞ୍ଜିନବିହୀନ ନୌକା ଦ୍ୱାରା ସଙ୍ଗ୍ରହ ହେଉଛି । ବର୍ଷର ତୃତୀୟ ତ୍ରୈମାସିକ (ଜୁଲାଇ–ସେପ୍ଟେମ୍ବର) ରେ ସର୍ବାଧିକ (୩୬%) ଓ ଦ୍ୱିତୀୟ ତ୍ରୈମାସିକ (ଅପ୍ରେଲ–ଜୁନ୍) ରେ ସର୍ବନ୍ୟୁନ (୧୧%) ମତ୍ସ୍ୟ ଅବତରଣ ହୁଏ । ଧରାଯାଉଥିବା ସାମୁଦ୍ରିକ ମତ୍ସ୍ୟ ସମ୍ପଦରେ ବିଭିନ୍ନ ପ୍ରଜାତିର ପ୍ରାଚୁର୍ଯ୍ୟ ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଜୈବବିବିଧତାକୁ ଦର୍ଶାଏ । ଅବତରଣ କରାଯାଉଥିବା ମାଛମାନଙ୍କ ମଧ୍ୟରେ କୋକଲି, ମଞ୍ଜାରୀ, ଚାଉଳି, ନଡ଼ିଆ ଫଳି, ତାମ୍ପଡା, ଫାସି, ଉଲିଆରି ପ୍ରଜାତିର ମାଛଗୁଡ଼ିକ (clupeids) ପ୍ରମୁଖ ଆଟନ୍ତି । ଏହା ସହିତ ପଥର ମୁଣ୍ଡି ଓ ଶୀଳା ପ୍ରଜାତିର ମାଛଗୁଡ଼ିକ (croakers); ଛିଙ୍ଗୁଡ଼ି (penaeid shrimps); ଖୁବଖୁବି, ସାଟିଙ୍ଗ, ଚମ୍ପା, ଗୁରା/କଣି, ଚନ୍ଦା, ଚକାଆଖିଆ ପ୍ରଜାତିର ମାଛଗୁଡ଼ିକ (carangids); ରୁପାପାତିଆ, ସାଗୁଣାପାତିଆ ମାଛଗୁଡ଼ିକ (ribbonfishes), କଣ୍ଟିଆ ମାଛ (catfishes); ଖଅଙ୍ଗା, ଆଞ୍ଜି, ତାଉଡି ପ୍ରଜାତିର ମାଛଗୁଡ଼ିକ (mullets), ଫିରିକି, ଚାନ୍ଦି, କଳା ବାହୁଲ ମାଛଗୁଡ଼ିକ (pomfrets); ମୋରୁଆ/ପଟୋଳ ପ୍ରଜାତିର ମାଛଗୁଡ଼ିକ (mackerels) ଓ ନାଲୀ ବୋରେଇ, ଭୁଲା, ଭେକ୍ଟି, ଖଜୁରିଆ ମାଛଗୁଡ଼ିକ (perches) ମିଶି ସର୍ବମୋଟ ଅବତରଣ ର ୮୦% ଅଂଶ ଗଠନ କରନ୍ତି ।






**ଉପରସ୍ତରୀୟ ମତ୍ସ୍ୟ (Pelagics) ସମ୍ପଦ:** ଏହା ସର୍ବମୋଟ ଅବତରଣର ୬୦% ଅଂଶ ଗଠନ କରେ, ଯେଉଁଥିରେ ଉପରୋଲ୍ଲିଖିତ clupeids ୬୯%, carangids (୯%), ribbonfishes (୭%), ନହରା (Bombay ducks: ୭%), mackerels (୪%) ଓ seerfishes (୨%) ଦେଖିବାକୁ ମିଳେ (CMFRI, 2024)।

**ତଳସ୍ତରୀୟ ମତ୍ସ୍ୟ (Demersals) ସମ୍ପଦ:** ଏହା ସର୍ବମୋଟ ଅବତରଣର ୩୦% ଅଂଶ, ଯେଉଁଥିରେ ଉପରୋଲ୍ଲିଖିତ croakers (୩୭%), catfishes (୧୬%), ଟଙ୍କା ଚନ୍ଦା (silverbellies: ୧୨%), mullets (୧୦%), pomfrets (୧୦%), perches (୮%), ପତା, କୁଣ୍ଡାପତା (flatfishes: ୬%), ବୋମ୍ ତୁଡି (eels: ୩%) ଓ କରୁଆ, ତପ୍ସି, ବଜିରି, ଗୁଛିଆ ମାଛ (threadfins: ୨%) ଦେଖିବାକୁ ମିଳେ (CMFRI, 2024)।

**କ୍ରଷ୍ଟେସିଆନ୍ (Crustaceans) ସମ୍ପଦ:** ଏହା ସର୍ବମୋଟ ଅବତରଣର ୮% ଅଂଶ ଗଠନ କରେ, ଯେଉଁଥିରେ ଚିଙ୍ଗୁଡି ପ୍ରମୁଖ ଅଂଶ ଦାନ (୬୮%) କରେ, ଯେଉଁଥିରେ ବିଶେଷତଃ କଡ଼ି (*Parapenaeopsis* spp.), ମରଡା/ବ୍ରାଉନ୍, ପାନୁ (*Metapenaeus* spp.), ନାଲି (*Solenocera* spp.), ବାଗଦା, ହ୍ୱାଇଟ୍/କଣ୍ଟାଳ, ବ୍ରାଉନ୍ (*Penaeus* spp.) ପ୍ରଜାତିର ଚିଙ୍ଗୁଡି ଦେଖିବାକୁ ମିଳେ । କଙ୍କଡା ଅବଶିଷ୍ଟ ୩୨% ଅଂଶ ଗଠନ କରେ ଯେଉଁଥିରେ ପ୍ରମୁଖତଃ ଟୋପି କଙ୍କଡା (*Portunus sanguinolentus*), ନାଲି କଙ୍କଡା (*Charybdis feriata*), ଓ ରାଣୀ/ଚିତ୍ରା କଙ୍କଡା (*Portunus* pelagicus) ଦେଖିବାକୁ ମିଳେ । ଲବଷ୍ଟର୍ (*Panulirus polyphagus*) ଅତ୍ୟଳ୍ପ ମାତ୍ରରେ ଦେଖିବାକୁ ମିଳେ (CMFRI, 2024)।

**ମଲସ୍କାନ୍ (Molluscans) ସମ୍ପଦ:** ଏହା ସର୍ବମୋଟ ଅବତରଣର ୨% ଅଂଶ ଗଠନ କରେ ଯେଉଁଥିରେ କେବଳ ଶିରପାଦୀୟ ପ୍ରାଣୀମାନେ (cephalopods)-ପ୍ରମୁଖତଃ କୁମୁଟି (cuttlefish: ୭୫%), ନଳି (squids: ୨୦%) ଓ ଓକ୍ଟୋପସ୍ (octopus: ୫%) ଦେଖିବାକୁ ମିଳେ । ଏଥିରେ ମିଳୁଥିବା ଉଲ୍ଲେଖନୀୟ ପ୍ରଜାତିଗୁଡ଼ିକ ହେଲେ: ଛୋଟ କୁମୁଟି/ ଗେଟି (*Sepiella inermis*), ବଡ଼ କୁମୁଟି (*Sepia aculeata, Sepia pharaonis, Sepia elliptica*) ଓ ନଳି (*Uroteuthis duvaucelii*) (CMFRI, 2024)।